ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୫୦

ବୁଲେଟିନ ନମ୍ବର :୧୦୧
ତାରିଖ : ୧୯.୧୨.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୩.୧୨.୨୦୨୫ ରୁ ୧୯.୧୨.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୬.୭-୨୭.୮ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୨.୦-୧୩.୫ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୪.୧୨.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 20-12-2025 | 0 | 24 | 9 | 0 | 81 | 36 | 5 | 306 |
| 21-12-2025 | 0 | 24 | 9 | 1 | 88 | 36 | 4 | 315 |
| 22-12-2025 | 0 | 24 | 10 | 3 | 88 | 36 | 3 | 315 |
| 23-12-2025 | 0 | 24 | 10 | 1 | 86 | 35 | 5 | 321 |
| 24-12-2025 | 0 | 24 | 10 | 1 | 83 | 36 | 4 | 323 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**
ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ । ଆକାଶ ପରିଷ୍କାରରୁ ମୁଖ୍ୟତଃ ପରିଷ୍କାର ରହିବ । ଆଗାମୀ ୫ଦିନ ପବନ ୦୩-୦୭ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୪ ଡି.ସେ. ଓ ସର୍ବନିମ୍ନ ତାପମାତ୍ରା ୦୯-୧୦ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୪ ରୁ ୭୭ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୨-୨୯ ପ୍ରତିଶତ ମଧରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ବର୍ତ୍ତମାନ କୁହୁଡିଆ ପାଗ ଯୋଗୁଁ ପନିପରିବାରେ ଜଉ, ଉକୁଣିଆ, ଅଷ୍ଟପଦୀ କୀଟ ଓ ପାଉଁଶିଆ, ଉଛୁର ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ଅଛି ତେଣୁ ଏହାର ପ୍ରତିକାର ବ୍ୟବସ୍ଥା କରନ୍ତୁ ।
- ବିଳମ୍ବ କିସମ କୋବି ଫସଲ ପାଇଁ ତଳି ରୋଉଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା କରିବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ବୁଣିବା ପୂର୍ବ ଅବସ୍ଥା | • ଧାନ ତଳିଘେରାକୁ ଶିତ ଲହରୀରୁ ରକ୍ଷା କରିବା ପାଇଁ ସନ୍ଧ୍ୟା ସମୟରେ ବୋରେୱେଲ ପାଣି ଦ୍ୱାରା ଜଳସେଚନ କରନ୍ତୁ ଏବଂ ଠିଆ ପାଣି କାଟି ଦେଇ ମାଟିକୁ ଓଦା ରଖନ୍ତୁ। ତଳିଘେରା ଉପରେ ଶୁଖିଲା ଗୋବର ଖତ ଗୁଣ୍ଡର ଏକ ପତଳା ଆସ୍ତରଣ ପକାନ୍ତୁ। ଧାନ ତଳିଘେରାକୁ ରାତ୍ରି ସମୟରେ ପଲିଥିନ ସାହାର୍ଯ୍ୟରେ ଘୋଡାଇ ରଖନ୍ତୁ । |
| ଆଖୁ | ଲଗାଇବା ଅବସ୍ଥା | • ଆମ ରାଜ୍ୟ ଜଳବାୟୁ ଅନୁସାରେ ଡିସେମ୍ବରରୁ ଫେବୃୟାରୀ ମାସ ଆଖୁ ଲଗାଇବାର ଉପଯୁକ୍ତ ସମୟ। ନିଗିଡା, ନିଶ୍ଚିତ ଜଳସେଚନ ସୁବିଧା ଥିବା ଜମିରେ ଆଖୁ ଲଗାନ୍ତୁ । |
| ବିରି ଓ ମୁଗ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନର ମେଘୁଆ ଓ କୋହଲା ପାଗରେ ବିରି ଓ ମୁଗ ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଜୈବିକ ଉପାୟରେ ଏହି ରୋଗର ପରିଚାଳନା ପାଇଁ ଟ୍ରାଇକୋଡର୍ମା ଭିରିଡି ୫% ଏଲ ରୁ ପ୍ରତି ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୨୦୦ ଗ୍ରାମ ଟ୍ରାୟାଡିମେଫୋନ କିମ୍ବା ୧୦୦ ମିଲି ପେନକୋନାଜୋଲ, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ରାଶି | ଅଙ୍ଗୀୟ | • ରାଶି ଫସଲରେ ପତ୍ର ଚିତା ରୋଗର ପ୍ରତିକାର କରିବା ପାଇଁ ଏକର ପ୍ରତି ୪୦୦ଗ୍ରାମ କପର |

| | | |
|---|---|---|
| | ବୃଦ୍ଧି ଅବସ୍ଥା | ଅକ୍ସିକ୍ଲୋରାଇଡ୍ କିମ୍ବା ୬୦୦ ଗ୍ରାମ ମଙ୍କୋଜେବ କିମ୍ବା ୨୦୦ଗ୍ରାମ ହେକ୍ସାକୋନାଜୋଲ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| ଚିନାବାଦାମ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନର ମେଘୁଆ ଓ କୋହଲା ପାଗ ଯୋଗୁଁ ଚିନାବାଦାମ ଫସଲରେ ଜଉ ପୋକ ଅଧିକ ଦେଖାଯାଇଥାଏ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ପିପିଏମ Azadirachtinକୁ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ଏକର ପ୍ରତି ୮ଟି ଲେଖାଏଁ ହଳଦିଆ ଅଠାଳିଆ ଯନ୍ତା ବ୍ୟବହାର କରନ୍ତୁ । ଏକର ପ୍ରତି ୧-୨ଟି ଟ୍ରାଇକୋଗ୍ରାମା ଚିଲୋନିସ କାର୍ଡ ମଧ ପ୍ରତି ସପ୍ତାହ ଅନ୍ତରରେ ବ୍ୟବହାର କରି ପାରିବେ । କାର୍ଡ ଟିକୁ ନିର୍ଦ୍ଧାରିତ ସ୍ଥାନରେ ଖଣ୍ଡ ଖଣ୍ଡ କରି ୧୨ଟି ସ୍ଥାନରେ ଲଗାନ୍ତୁ ।<br>• ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ Thiamethoxam କିମ୍ବା ୮୦ ଗ୍ରାମ Emamectin Benzoate, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ସୋରିଷ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ ସମୟରେ ସୋରିଷ ଫସଲରେ କରତିଆ ମାଛି ଲାଗିବାର ସମ୍ଭାବନା ଅଛି । ପରିଚାଳନା ପାଇଁ ଅଙ୍ଗୀୟ ବୃଦ୍ଧି ଅବସ୍ଥାରେ ଜଳସେଚନ କରନ୍ତୁ । ଭୃଙ୍ଗ ପୋକ ଗୁଡିକୁ ହାତରେ ସଂଗ୍ରହ କରି ସକଳ ଓ ସନ୍ଧ୍ୟା ସମୟରେ ମାରି ଦିଅନ୍ତୁ ।<br>• ଏହାର ପରିଚାଳନା ପାଇଁ ଏକର ପ୍ରତି ୨୦୦ ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦ ମିଲି Chloropyriphos ଏବଂ Cypermethrine ର ମିଳିତ କୀଟନାଶକ, 200 ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। ମହୁମାଛି ର ଚଳପ୍ରଚଳ ରେ ବାଧା ନଦେବା ପାଇଁ ଅପରାହ୍ନ ସମୟରେ କିଟନାଶକକ କୁ ପ୍ରୟୋଗ କରନ୍ତୁ। |
| କଖାରୁ ଜାତୀୟ ପନିପରିବା | ଫୁଲ / ଫଳ ଧରିବା ଅବସ୍ଥା | • ବର୍ତମାନ ସମୟରେ କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ କଖାରୁ ଜାତୀୟ ପନିପରିବାରେ ନିମ୍ନମୁଖୀ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ଏକର ପ୍ରତି Metalaxyl ୮% + Mancozeb ୬୪% W.P @ ୪୦୦ ଗ୍ରାମ କିମ୍ବା Fosetyl -AL ୮୦ % WP @ ୬୦୦ ଗ୍ରାମ, ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| ଶିମ୍ବ | ଫୁଲ ଆସିବା ଅବସ୍ଥା | • ଶିମ୍ବ ଫସଲରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠା ଯନ୍ତା ରଖନ୍ତୁ । ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ।<br>• ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୫୦ ଗ୍ରାମ Thiamethoxam କିମ୍ବା ୫୦ଗ୍ରାମ Acetamiprid କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ପାଳଙ୍ଗ | ମଞ୍ଜି ବୁଣିବା ଅବସ୍ଥା | • ବର୍ତମାନ ପାଳଙ୍ଗ ଚାଷ କରିବା ପାଇଁ ଉପଯୁକ୍ତ ସମୟ । ପାଳଙ୍ଗର କିଛି କିସମ ଗୁଡିକ ହେଲା- ପୁଷା ପାଲକ, ଅଲ ଗ୍ରୀନ, ପୁଷା ଜ୍ୟୋତି, ପୁଷା ହରିତ, କୋମଲ, ପଞ୍ଜାବ ଗ୍ରୀନ ଇତ୍ୟାଦି । ଏକର ପ୍ରତି ୧୦-୧୨କିଗ୍ରା ବିହନ ଆବଶ୍ୟକ ହୋଇଥାଏ । ବୁଣିବାର ୧୦-୧୨ ଘଣ୍ଟା ପୂର୍ବରୁ ମଞ୍ଜିକୁ ପାଣିରେ ବତୁରାଇ ରଖନ୍ତୁ । |
| ଆଳୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଆଳୁ ଫସଲରେ ସଅଳ ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb କିମ୍ବା ୪୦୦ ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| କୁକୁଡା | • ଅଧିକ ଶୀତ ଦାଉରୁ କୁକୁଡା ଚିଆଁରୁ ରକ୍ଷା କରିବା ପାଇଁ କୁକୁଡା ଘରେ କୃତ୍ରିମ ଲାଇଟ ବ୍ୟବସ୍ଥା କରନ୍ତୁ । | |
| ପଶୁ ସମ୍ପଦ | • ପ୍ରବଳ ଶୀତ ସମୟରେ ଗୁହାଳ ଘରର କବାଟ ଝରକା ବନ୍ଦ ରଖନ୍ତୁ ଓ ଫାଙ୍କା ସ୍ଥାନରେ ଅଖା କିମ୍ବା ଝୋଟ ଅଖା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ ଯେପରିକି ବାହାର ଥଣ୍ଡା ପବନ ଗୁହାଳ ମଧ୍ୟକୁ ପ୍ରବେଶ କରିପାରିବ ନାହିଁ ।<br>• ଶୀତ ଦିନେ ଗାଇଗୋରୁ ମାନଙ୍କ ଶକ୍ତି ବଢାଇବା ପାଇଁ ଦୈନିକ ଖାଦ୍ୟର ୨୦-୩୦% ଖଣିଜ ମିଶ୍ରଣ ସହ ଲୁଣ, ଗହମ ଓ ଗୁଡ ଗୋଖାଦ୍ୟ ରୂପେ ଦିଅନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)